CLASS : IV

SUBJECT : ଓଡ଼ିଆ

TOPIC : ସାଇତି ରଖିବା ସଜାଇ ରଖିବା

SUB TOPIC ଅନୁଚ୍ଛେଦ ବ୍ୟାଖ୍ୟା ଓ କଠିନ ଶବ୍ଦ

CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

ODM EDUCATIONAL GROUP
Changing your Tomorrow

## ସାଇତି ରଖିବା ସଜାଇ ରଖିବା

# ଅନୁଚ୍ଛେଦ ବ୍ୟାଖ୍ୟା

ଯେଉଁ ଜିନିଷଟି ଯେଉଁ ଜାଗାରେ ରହିବା କଥା, ତାକୁ ଠିକ୍ ସେଇ ଜାଗାରେ ରଖିଲେ ଘରଟି ସଫାସୁତର ରହେ, ସ୍ଥାନଟି ସୁନ୍ଦର ଦିଶେ । ଏଭଳି କେତେକ ଜିନିଷ ଅଛି ଯେଉଁଗୁଡ଼ିକ ଯତ୍ନର ସହିତ ସାଇତି ରଖିଲେ, ଭବିଷ୍ୟତରେ ସେଗୁଡ଼ିକ ମୂଲ୍ୟବାନ ସଂଗ୍ରହ ରୂପେ ବିବେଚିତ ହୋଇଥାଏ। ଡାକଟିକେଟ୍, ପୁରୁଣା ମୁଦ୍ରା, ଶଙ୍ଖ ଓ କଉଡ଼ି ଭଳି ସାମୁଦ୍ରିକ ପଦାର୍ଥ, ପକ୍ଷୀମାନଙ୍କର ପର, ବିଭିନ୍ନପ୍ରକାର ଦୁର୍ଲଭ ପଥର ସଂଗ୍ରହ କଲେ ସେଥିରୁ ଅନେକ କଥା ଜାଣିହୁଏ। ଗୁରୁଜୀ କହୁଥିଲେ ଆମ ରାଜ୍ୟର ଭୁବନେଶ୍ୱରରେ ଗୋଟିଏ ମ୍ୟୁଜିୟମ୍ ବା ସଂଗ୍ରହାଳୟ ଅଛି। ସେଠାରେ ବହୁ ପ୍ରକାର ଜିନିଷ ସଂଗ୍ରହ କରି ସାଇତି ରଖାଯାଇଛି । ପ୍ରତିଦିନ ସେଠାକୁ ବହୁ ଲୋକ ବୁଲି ଦେଖିବାକୁ ଯାଉଛନ୍ତି। ମୁଁ ପରା କେତେଜାତିର ଜିନିଷ ସଂଗ୍ରହ କରି ଆମ ଘରେ ଗୋଟିଏ ଛୋଟ ସଂଗ୍ରହାଳୟ ତିଆରି କରିଛି।

ଏ କଥା ଶୁଣି ତନ୍ମୟ ସେସବୁ ଦେଖିବାକୁ ଆଗ୍ରହ ପ୍ରକାଶ କଲା। ଯେତେବେଳେ ଇଚ୍ଛା ଆମ ଘରକୁ ଗଲେ, ସବୁ ଜିନିଷ ଦେଖାଇଦେବି ବୋଲି ଚନ୍ଦନ ଆନନ୍ଦରେ କହିଲା। ସେହିଦିନ ସନ୍ଧ୍ୟାରେ ତନ୍ମୟ ସବୁ କଥା ତା ବୋଉଙ୍କୁ ଜଣାଇଲା।

ତା' ପରଦିନ ଛୁଟି ଥିଲା। ତନ୍ମୟ ଚନ୍ଦନ ଘରକୁ ବୋଉଙ୍କ ସାଥିରେ ଗଲା । ଗୋଟିଏ ପିଲା ପାଠ ପଢ଼ିବା ସଙ୍ଗେସଙ୍ଗେ ଏତେ ଜିନିଷ ସଂଗ୍ରହ କରିପାରିଛି ଏବଂ ଏତେ ସୁନ୍ଦର ଭାବରେ ସଜାଇ ରଖିଛି ଦେଖି ସେମାନେ ଖୁସି ହୋଇଗଲେ।

ଚନ୍ଦନ ନାନା ପ୍ରକାରର ପଥର, ପଶୁପକ୍ଷୀଙ୍କର ଚିତ୍ର, ପକ୍ଷୀଙ୍କର ପର, ଡାକଟିକେଟ୍, ମୁଦ୍ରା ଇତ୍ୟାଦି ସଂଗ୍ରହ କରିଥିଲା। ସେ ପତ୍ରପତ୍ରିକାରୁ କେତେ ଲେଖା କାଟିକରି ରଖିଛି। ତା'ର ଗୋଟିଏ ଫଟୋ ଆଲବମ୍ ମଧ୍ୟ ଅଛି। ବିଭିନ୍ନ ଚିତ୍ର, ଜିନିଷ ଏବଂ ପରିଷ୍କାରପରିଚ୍ଛନ୍ନ ସାଜସଜ୍ଜା ଦେଖି ତନ୍ମୟକୁ ଭାରି ଭଲ ଲାଗିଲା । ସେ ସେଠାରେ ଅନେକ ପ୍ରକାରର କଣ୍ଢେଇ ବି ଦେଖିଲା । ସେ ପୁଣି ଦେଖିଲା ଚନ୍ଦନର ପ୍ୟାଣ୍ଟଶାର୍ଟ୍ ସୁନ୍ଦର ଭାବରେ ସଜଡ଼ା ହୋଇ ରହିଛି । ତା'ର ସବୁ ବହି ନୂଆପରି ଚିକ୍‌ଚିକ୍ କରୁଛି ।

ମାଉସୀ ଖୁସି ହୋଇ ଚନ୍ଦନକୁ କହି ପକାଇଲେ "ପୁଅ, ତୁ ଘରେ ଗୋଟିଏ ଛୋଟ ସଂଗ୍ରହାଳୟ କରି ଦେଇଛୁ। ତନ୍ମୟ କ'ଣ ଦେଖିବ, ତୋ'ର ସଂଗ୍ରହଗୁଡ଼ିକ ବଡ଼ ମଣିଷ ମଧ୍ୟ ଆସି ଦେଖିବେ । ତନ୍ମୟ ଫଟୋ ଆଲବମ୍ ଓ ଚଢ଼େଇମାନଙ୍କ ଚିତ୍ର ଦେଖିସାରି ଡାକଟିକେଟ୍ ଆଲବମ୍ ଦେଖୁ ଦେଖୁ ବୋଉଙ୍କୁ କହିଲା – "ବୋଉ, ଟିନୁକୁ ଆଣିବା, ସେ ବି ଦେଖିବ । ଏ ସବୁ ଦେଖିଲେ ସେ ଆଉ କିଛି ଫୋପଡ଼ାଫୋପଡ଼ି ଓ ଭଙ୍ଗାରୁଜା କରିବ ନାହିଁ ।"



ବୋଉ କହିଲେ "ତୁ ଏଣିକି ତୋ ଜିନିଷ ସାଇତି ରଖ। ସେ ତାହା ଦେଖୁ, ବଡ଼ ଭାଇଠୁ ସାନଭାଇମାନେ ଅନେକ କଥା ଶିଖନ୍ତି ।"

ଚନ୍ଦନ କହିଲା – "ନିଜ ଜିନିଷ ସାଇତି ରଖିଲେ ଏବଂ ସଜାଇ ରଖିଲେ ତୁ ବୁଝି ପାରିବୁ, ଏଥିରୁ କେତେ ଆନନ୍ଦ ମିଳେ।"

ସାଇତି ରଖିବାର ଅଭ୍ୟାସ ମଣିଷକୁ ଯତ୍ନଶୀଳ, ଦାୟିତ୍ୱବାନ୍ ଓ ଶୃଙ୍ଖଳିତ କରିଥାଏ । ଜଣେ ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ

# କଠିନ ଶବ୍ଦ

ଦୁର୍ଲଭ ➤ ଅମୂଲ୍ୟ



ସଂଗ୍ରହାଳୟ ➤ ଯେଉଁଠାରେ ପୁରୁଣା ଜିନିଷ ସାଇତା ହୋଇ ପ୍ରଦର୍ଶିତ ହୋଇଥାଏ



ସାଜସଜ୍ଜା ➤ ସଜାଇ ରଖିବା



# କଠିନ ଶବ୍ଦ

ଶଙ୍ଖ > ଏକ ସାମୁଦ୍ରିକ ଜୀବ



ଆଲବମ > ଯେଉଁଥିରେ ଫଟୋ ସଜାଇ ରଖାଯାଏ



EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP